بسم الله الرحمن الرحيم

**୧୨ ମଇ ୨୦୨୩ ଖୁତ୍‌ବା ଜୁମାର ସାରାଂଶ**
**ସ୍ଥାନ - ମସଜିଦ ମୁବାରକ୍ ଇସଲାମାବାଦ୍, ଲଣ୍ଡନ୍**

**ଐଶୀ ନିର୍ଦ୍ଦେଶ, ହଜରତ ମୁହମ୍ମଦ ସ.ଅ.ଙ୍କ ପବିତ୍ର ଜୀବନୀ ଏବଂ ଜମାଅତୀୟ ପରମ୍ପରାର ପ୍ରକାଶରେ ମଜଲିଶ୍ ମୁଶାୱିରତ୍ (ପରାମର୍ଶ ସଭା)ର ଗୁରୁତ୍ୱ ବର୍ଣ୍ଣନା କରିବା ସହିତ ପଦାଧିକାରୀ ଓ ଶୁରାର ସଦସ୍ୟମାନଙ୍କ ଦାୟିତ୍ୱ ପ୍ରସଙ୍ଗ ସମ୍ବଳିତ ହଜୁର ଅନୱର ଅ.ବ.ଙ୍କର ବିଶେଷ ଉପଦେଶାବଳୀ ।**

ଅଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍ଲଲ୍ଲାହୁ ୱହ୍‌ଦହୁ ଲାଶରିକା ଲହୁ ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ ଅମ୍ମା ବାଦ୍‌ଫଉଜୁବିଲ୍ଲା ହିମିନଶ୍ ଶୈତା ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍ ରହେମା ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମା ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟାକା ନାବୁଦୁ ୱ ଇୟାକା ନସ୍‌ତଇନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଆଲୈହିମ୍ ୱଲଜ୍ୱାଲ୍‌ଲିନ୍

**ତଶହୁଦ୍, ତଉଜ୍ ଓ ସୁରାଃ ଫାତିହାର ଆବୃତ୍ତି କରିବା ପରେ ପ୍ରିୟ ହଜୁର ଅନୱର ଅ.ବ ସୁରାଃ ଆଲେଇମ୍ରାନ୍‌ର ଆୟତ** ଫବିମା ରହ୍‌ମତିନ୍ ମିନଲ୍ଲାହି ଲିନ୍‌ତା ଲହୁମ୍ ଓଲୌକୁନ୍ତା ଫଜ୍‌ଜନ୍ ଗଲିଜଲ୍ କଲ୍‌ବି ଲନ୍‌ଫଜ୍‌ଜୁ ମିନ୍ ହୌଲିକା ଫାଫୁ ଅନ୍‌ହୁମ୍ ଓସ୍‌ତଗ୍‌ଫିର୍ ଲହୁମ୍ ଓଶାୱିର୍‌ହୁମ୍ ଫିଲ୍ ଅମ୍‌ରି ଇଜା ଅଜମ୍‌ତା ଫତଓକ୍‌କଲ୍ ଆଲ୍ଲଲାହି ଇନ୍ନଲ୍ ଲାହା ୟୁହିବ୍‌ବୁଲ୍ ମୁତଓକ୍‌କିଲିନ୍‌ର **ମଧ୍ୟ ଆବୃତ୍ତି କରି ଅନୁବାଦ ଉପସ୍ଥାପନ କଲେ; ଅଲ୍ଲାଃତାଲାଙ୍କ ସେହି ମହାନ କରୁଣା ଯୋଗୁଁ ତୁମ୍ଭେ ସେମାନଙ୍କ ପ୍ରତି ନମ୍ର ହୋଇଅଛ । ଯଦି ତୁମ୍ଭେ ମନ୍ଦ ସ୍ୱଭାବ ଓ କଠିନ ହୃଦୟର ହୋଇଥାନ୍ତ ତେବେ ଏମାନେ ତୁମ ଚର୍ତୁପାର୍ଶ୍ୱରୁ ଦୂରକୁ ପଳାୟନ କରିଯାଆନ୍ତେ । ସୁତରାଂ ତୁମ୍ଭେ ସେମାନଙ୍କୁ କ୍ଷମା କର ଓ ପ୍ରଭୁଙ୍କ ଶରଣେ ସେମାନଙ୍କ ପାଇଁ କ୍ଷମା ପ୍ରାର୍ଥନା କର ଏବଂ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ସେମାନଙ୍କ ସହିତ ପରାମର୍ଶ କର । ଆଉ ଯେତେବେଳେ ତୁମ୍ଭେ (କୌଣସି ବିଷୟରେ) ଦୃଢ଼ ସଂକଳ୍ପ କର ତେବେ ଅଲ୍ଲାଃଙ୍କ ଉପରେ ଭରଷା କର ନିଶ୍ଚୟ ଅଲ୍ଲାଃ ଭରଷାକାରୀମାନଙ୍କୁ ପ୍ରେମ କରନ୍ତି ।**

**ଆଜିକାଲି ବିଭିନ୍ନ ଦେଶର ଜମାଅତମାନଙ୍କରେ** ମଜଲିସ୍ ଶୁରା **ଅନୁଷ୍ଠିତ ହେଉଅଛି । କେତେକ ଦେଶରେ ଅନୁଷ୍ଠିତ ହୋଇଗଲାଣି ତ ଆଉ କେତେକ ଦେଶରେ ଅନୁଷ୍ଠିତ ହେବାକୁ ଯାଉଛି । ଶୁରାର ଗୁରୁତ୍ୱ ଓ ପ୍ରତିନିଧିମାନଙ୍କ ଦାୟିତ୍ୱ ପ୍ରସଙ୍ଗରେ ମୁଁ ଅତୀତରେ ଧ୍ୟାନ ଆକର୍ଷିତ କରିସାରିଛି । ଯଦିଚ ଇତି ମଧ୍ୟରେ ଅନେକ ବର୍ଷ ବିତି ଯାଇଛି ତେବେ ବର୍ତ୍ତମାନ ମୁଁ ଉଚିତ୍ ମଣୁଛି ଯେ ଆଜି ପୂର୍ନବାର ଏହି ପରିପ୍ରେକ୍ଷୀରେ ଅଲ୍ଲାଃତାଲାଙ୍କ ଆଦେଶ, ହଜରତ ମୁହମ୍ମଦ ସ.ଅ.ଙ୍କ ପବିତ୍ର ଜୀବନୀ ଏବଂ ଜମାଅତୀୟ ପରମ୍ପରାର ପ୍ରକାଶରେ କିଛି ବର୍ଣ୍ଣନା କରିବି । ଯେଉଁସ୍ଥଳେ** ମଜଲିସ୍ ଶୁରା **ଅନୁଷ୍ଠିତ ହୋଇଯାଇଛି ସେଠାକାର ପ୍ରତିନିଧିମାନେ ମଧ୍ୟ ଏହି କଥନରୁ ଉପକୃତ ହେବେ ଯାହାକି ସେମାନଙ୍କର ଦାୟିତ୍ୱ ଅଟେ । ଏବଂ ସେମାନଙ୍କୁ ଏସବୁ କଥା ମନେରଖିବା ଉଚିତ୍ କାରଣ** ମଜଲିସ୍ ଶୁରାର **ସୁପାରିଶ୍ ଓ ଉପସ୍ଥିତ ଖଲିଫାଙ୍କ ନିଷ୍ପତ୍ତି ପରେ ପ୍ରତିନିଧିମାନଙ୍କର କର୍ତ୍ତବ୍ୟ ଆରମ୍ଭ ହୋଇଥାଏ । ତାହାର ନିର୍ବାହ କରିବା ଓ ନିଜ ଭୂମିକା ସମ୍ପାଦନ କରିବା ଶୁରାର ପ୍ରତ୍ୟେକ ସଦସ୍ୟଙ୍କର କର୍ତ୍ତବ୍ୟ ।**

**ଉପରେ ମୁଁ ଯେଉଁ ଆୟତ ଆବୃତ୍ତି କରିଆସିଲି ସେଥିରେ ଏହାର ସମର୍ଥନ କରାଯାଇଛି ଯେ, ହଜରତ ମୁହମ୍ମଦସ.ଅ ଯେଉଁଠି ଅଲ୍ଲାଃତାଲାଙ୍କ ବିଶେଷ ଅନୁକମ୍ପା ଯୋଗୁଁ ନିଜ ସମ୍ପ୍ରଦାୟ ପ୍ରତି ଅତ୍ୟନ୍ତ କୋମଳ ହୃଦୟୀ ଥିଲେ, ସେହିସ୍ଥଳେ ଏଥିପ୍ରତି ମଧ୍ୟ ଧ୍ୟାନ ଆକର୍ଷିତ କରାଇଲେ ଯେ ଯାହାଙ୍କ ଉପରେ ହଜୁର ସ.ଅ.ଙ୍କ କାର୍ଯ୍ୟ ଆଗକୁ ବଢ଼ାଇ ନେବାର ଦାୟିତ୍ୱ ଭାର ରହିଛି ଏବଂ ହଜୁର ସ.ଅ.ଙ୍କ ଭବିଷ୍ୟବାଣୀ ଅନୁଯାୟୀ ଆପଣଙ୍କ ସଚ୍ଚୋଟ ଦାସ ହଜରତ ମସିହ ମଉଦ ଅ.ସ.ଙ୍କ ମିଶନକୁ ମଧ୍ୟ ସମ୍ପନ୍ନ କରିବାର ଅଛି । ଯାହାକି ଅତି ସ୍ନେହ ଆଦର ଓ ଉଦାରତାର ସହିତ ସମ୍ପାଦନ କରନ୍ତୁ ।**

ଅଲ୍ଲାଃତାଲା କୁହନ୍ତି; ଯଦି ନିଜ ଆଚରଣରେ ନମନୀୟତା ପ୍ରଦର୍ଶନ ନକର, କଠୋର ହୃଦୟ ପ୍ରଦର୍ଶନ କର ଓ କ୍ରୋଧିତ ହୁଅ ତେବେ ଏହି ଲୋକମାନେ (ତୁମଠାରୁ) ଦୂରକୁ ପଳାୟନ କରିବେ । ସୁତରାଂ ଅଲ୍ଲାଃତାଲା ଦୋଷ କ୍ଷମା କରିବା, କ୍ଷମା ପ୍ରାର୍ଥନା କରିବା ଏବଂ ଆପୋଷ ପରାମର୍ଶ କରିବାର ଆଦେଶ ଦେଇଛନ୍ତି । ଅତଏବ ଏହି ନିୟମ ଓ ଶିକ୍ଷା ଅନ୍ତର୍ଗତ ମଜଲିସ୍ ଶୁରା ଅନୁଷ୍ଠିତ ହୋଇଥାଏ । ଯେପରିକି ନାମରୁ ହିଁ ପ୍ରତୀତ ହେଉଅଛି ଯେ ଏହି ସଭା ନିଷ୍ପତ୍ତିକାରୀ (ସଭା) ନୁହେଁ, ବରଂ ଏକ ପରାମର୍ଶ ଆଗତ କରିବା ସଭା । ସେଥିପାଇଁ କୁହାଗଲା ପରାମର୍ଶ ନେବା ପରେ ତୁମ୍ଭେ ଯାହା ନିଷ୍ପତ୍ତି ନେବ ସେଥିଅନ୍ତେ ଅଲ୍ଲାଃଙ୍କ ଉପରେ ଭରଷା କରି କାର୍ଯ୍ୟ କର ଯଦ୍ୱାରା ଅଲ୍ଲାଃତାଲା ତାହାର ପରିଣାମ ସ୍ୱରୂପ ସେଥିରେ ଅଜସ୍ର କଲ୍ୟାଣ ପ୍ରଦାନ କରିବେ ।

ଅଲ୍ଲାଃଙ୍କ ଉପରେ ଭରଷା କରିବାର ସର୍ବଶ୍ରେଷ୍ଠ ଉଦାହରଣ ଆମମାନଙ୍କୁ ହଜରତ ମୁହମ୍ମଦ [ସ.ଅ]ଙ୍କ ସୁନ୍ନତ (କାର୍ଯ୍ୟକଳାପ)ରେ ଦେଖିବାକୁ ମିଳୁଅଛି । ଆପଣ [ସ.ଅ]ଙ୍କୁ ଅନେକ ପ୍ରସଙ୍ଗରେ ଅଲ୍ଲାଃତାଲାଙ୍କ ନିକଟରୁ ସିଧାସଳଖ ମାର୍ଗଦର୍ଶନ ଲାଭ ହେଉଥିଲା । କିନ୍ତୁ ସେହି ମାମଲାଗୁଡ଼ିକରେ ଆପଣ ନିଶ୍ଚୟ ସାହାବାମାନଙ୍କ ସହିତ ପରାମର୍ଶ କରୁଥିଲେ, ଯାହା ପ୍ରସଙ୍ଗରେ ଅଲ୍ଲାଃତାଲାଙ୍କ ନିକଟରୁ କୌଣସି ସ୍ପଷ୍ଟ ନିର୍ଦ୍ଦେଶ ପ୍ରାପ୍ତ ହେଉ ନଥିଲା । ଆପଣଙ୍କର ଏହି ଆଚରଣ ଓ ଅଲ୍ଲାଃତାଲାଙ୍କର ଏହି ଆଦେଶ ଆମମାନଙ୍କୁ ଶିକ୍ଷା ଦେଉଛି ଯେ ଜମାଅତୀୟ ପଦାଧିକାରୀମାନଙ୍କର ସଦସ୍ୟବୃନ୍ଦଙ୍କ ସହିତ କିପରି ବ୍ୟବହାର ପ୍ରଦର୍ଶନ କରିବା ଉଚିତ୍ । ଆମମାନଙ୍କୁ ମଧ୍ୟ ପାରସ୍ପରିକ ପରାମର୍ଶ ଦ୍ୱାରା କାର୍ଯ୍ୟ କରିବା ଉଚିତ୍ । ଆମ ଉପରେ ଅଲ୍ଲାଃତାଲାଙ୍କର ଅଶେଷ କୃପା ଯେ ପ୍ରଭୁ ଆମମାନଙ୍କୁ ଖିଲାଫତ୍ ପରି (ମହାନ) ପୁରସ୍କାର ପ୍ରଦାନ କରିଛନ୍ତି । ଅତଏବ ଉପସ୍ଥିତ ଖଲିଫା ମଧ୍ୟ ଅଲ୍ଲାଃତାଲାଙ୍କ ଆଦେଶ ଓ ହଜୁର [ସ.ଅ]ଙ୍କ ସୁନ୍ନତ ମୁତାବକ ସମଗ୍ର ବିଶ୍ୱରେ ପରିବ୍ୟାପ୍ତ ଜମାଅତଗୁଡ଼ିକରୁ ସେମାନଙ୍କ ଅବସ୍ଥା ପରିସ୍ଥିତି ଅନୁକୂଳ ପରାମର୍ଶ ଗ୍ରହଣ କରିଥାନ୍ତି । ଯଦି ଅଲ୍ଲାଃତାଲା ଇଚ୍ଛା କରିଥାନ୍ତେ ତେବେ ପ୍ରତ୍ୟେକ ପ୍ରସଙ୍ଗରେ ହଜୁର [ସ.ଅ]ଙ୍କର ମାର୍ଗ ଦର୍ଶନ କରିଦେଇଥାନ୍ତେ । କିନ୍ତୁ କେତେକ ପ୍ରସଙ୍ଗରେ ଅଲ୍ଲାଃତାଲା ଆପଣ [ସ.ଅ]ଙ୍କୁ ପରାମର୍ଶ ନେବାର ଆଦେଶ ଦେବା ଏବଂ ହଜୁର [ସ.ଅ]ଙ୍କର ସାହାବାମାନଙ୍କ ଠାରୁ ପରାମର୍ଶ ନେବା ବାସ୍ତବପକ୍ଷେ ଆମମାନଙ୍କୁ ସଳଖ ମାର୍ଗରେ ପରିଚାଳିତ ହେବା, ପାରସ୍ପରିକ ପରାମର୍ଶ ଓ ସାହାଯ୍ୟ ସହଯୋଗ କରିବା ତଥା ସମ୍ପ୍ରଦାୟରେ ଏକତା ଉତ୍ପନ୍ନ କରିବା ସକାଶେ ଏହା ଅତି ଗୁରୁତ୍ୱପୂର୍ଣ୍ଣ ।

ଗୋଟିଏ ହଦିସ୍ ଏହି ପ୍ରସଙ୍ଗକୁ ଅଧିକ ସ୍ପଷ୍ଟ କରୁଅଛି । ହଜରତ ଇବ୍‌ନେ ଅବ୍‌ବାସ ବର୍ଣ୍ଣନା କରନ୍ତି, ଯେତେବେଳେ ଶାୱିର୍‌ହୁମ୍ ଫିଲ୍ ଅମ୍‌ରି ଆୟତ ଅବତୀର୍ଣ୍ଣ ହେଲା ସେତେବେଳେ ହଜୁର[ସ.ଅ] କହିଲେ; ଯଦିଚ ଅଲ୍ଲାଃ ଓ ତାଙ୍କ ରସୁଲ ଏଥିରୁ ନିଃସ୍ପୃହ ଅଟନ୍ତି । କିନ୍ତୁ ଅଲ୍ଲାଃତାଲା ମୋ ସମ୍ପ୍ରଦାୟ ପାଇଁ ଏହାକୁ ଦୟାର ମାଧ୍ୟମ କରିଦେଇଛନ୍ତି । ସୁତରାଂ ଏମାନଙ୍କ ମଧ୍ୟରୁ ଯେ ପରାମର୍ଶ କରିବ ସେ ସଳଖ ମାର୍ଗ ପ୍ରାପ୍ତିରୁ ବଂଚିତ ରହିବ ନାହିଁ । ଆଉ ଯେ ପରାମର୍ଶ କରିବ ନାହିଁ ସେ ଅପଦସ୍ତ ଓ ନିନ୍ଦିତ ହେବାରୁ ବଂଚିତ ରହିବ ନାହିଁ । ଅତଏବ ହଜୁର[ସ.ଅ] ତ ପରାମର୍ଶ ନେବାରୁ ନିଃସ୍ପୃହ ଥିବା ସତ୍ତ୍ୱେ ଆପଣ ସାହାବାମାନଙ୍କ ଠାରୁ ପରାମର୍ଶ ଗ୍ରହଣ କରୁଥିଲେ । ଯଦ୍ୱାରା ଆପଣଙ୍କର ନିଜ ଅନୁଗାମୀମାନଙ୍କ ସମ୍ମୁଖରେ ଏକ ନମୁନ ବିଦ୍ୟମାନ ରହିବ । ଫଳତଃ ଆପଣଙ୍କ ସମ୍ପ୍ରଦାୟ ସଦାସର୍ବଦା ପାଇଁ ପ୍ରଭୁଙ୍କ ଦୟାରୁ ଭାଗ ନେଇ ଚାଲିଥିବ ଏବଂ ସର୍ବଦା ସତ୍‌ମାର୍ଗରେ ପରିଚାଳିତ ହେବା ସହିତ ଅପଦସ୍ତ ଓ ନିନ୍ଦିତ ହେବାରୁ ବର୍ତ୍ତି ରହିବ ।

ସୁତରାଂ ଅଲ୍ଲାଃତାଲାଙ୍କର ଆମମାନଙ୍କ ଉପରେ ଅଶେଷ ଦୟା ଯେ, ଆମ ଜମାଅତରେ ଏହି ଶୁରା ବ୍ୟବସ୍ଥା ଅବ୍ୟାହତ ରହିଛି । ଅତଏବ ପ୍ରତ୍ୟକ ଅହେମଦିଙ୍କୁ ସାଧାରଣ ସ୍ତରରେ ଓ ଶୁରାର ପ୍ରତ୍ୟକ ସଦସ୍ୟବୃନ୍ଦଙ୍କୁ ବିଶେଷ ଭାବରେ ଏହାର ମର୍ଯ୍ୟାଦା ଅକ୍ଷୁର୍ଣ୍ଣ ରଖିବା ସହିତ ଅଲ୍ଲାଃତାଲାଙ୍କର କୃତଜ୍ଞତା ଜ୍ଞାପନ କରିବା ଉଚିତ୍ । ଏଥିସକାଶେ କି ସେ ଆମମାନଙ୍କ ସକାଶେ ସତ୍‌ମାର୍ଗରେ ପରିଚାଳିତ ହେବାର ଏହି ବିଶେଷ ପନ୍ଥା ଉପଲବ୍ଧ କରେଇ ଦେଇଛନ୍ତି ।

ହଜୁର[ସ.ଅ] ସାଧାରଣତଃ ପରାମର୍ଶ ତିନି ଉପାୟରେ ଗ୍ରହଣ କରୁଥିଲେ । ଯାହାକୁ ଆପଣ [ସ.ଅ]ଙ୍କ ଖଲିଫାମାନେ ମଧ୍ୟ ଜାରି ରଖିଥିଲେ ଏବଂ ଯୁଗାବତାର ହଜରତ ମସିହ ମଉଦ[ଅ.ସ] ମଧ୍ୟ ସେହି ସୂତ୍ରର ଅବଲମ୍ବନ କରିଥିଲେ । **ଗୋଟିଏ**

ଏହିକି ଯେ ଯେତେବେଳେ କୌଣସି ପ୍ରସଙ୍ଗ ପରାମର୍ଶ ଯୋଗ୍ୟ ମନେ ହେଉଥିବ ସେତେବେଳେ ଜଣେ ବ୍ୟକ୍ତିଙ୍କର ଘୋଷଣା ଶୁଣି ଲୋକେ ଏକତ୍ରିତ ହୋଇଯାଉଥିଲେ । ସେମାନଙ୍କ ଠାରୁ ଯେଉଳି ପରାମର୍ଶ ହସ୍ତଗତ ହେଉଥିଲା ତାହାକୁ ସମ୍ମୁଖରେ ରଖି ହଜୁର[ସ.ଅ] ନିଜର (ଚୂଡ଼ାନ୍ତ) ନିଷ୍ପତ୍ତି ଶୁଣାଉ ଥିଲେ । **ଦ୍ୱିତୀୟ ପନ୍ଥା** ଏହିକି ଯେ ହଜୁର[ସ.ଅ] ଯାହାଙ୍କୁ ପରାମର୍ଶ ଦେବା ଯୋଗ୍ୟ ମନେକରୁଥିଲେ କେବଳ ସେହିମାନଙ୍କୁ ଡ଼କାଇ ସଭାର ଆୟୋଜନ କରୁଥିଲେ ଓ ସେମାନଙ୍କ ଠାରୁ ପରାମର୍ଶ ଲୋଡ଼ୁ ଥିଲେ । **ତୃତୀୟ ପନ୍ଥା** ଏହିକି ଯେ ଯେଉଁସ୍ଥଳେ ହଜୁର[ସ.ଅ] ଦୁଇ ଜଣ ବ୍ୟକ୍ତିଙ୍କର ଏକତ୍ରିତ ହେବାକୁ ମଧ୍ୟ ପସନ୍ଦ କରୁନଥିଲେ ସେଠାରେ ଆପଣ ଜଣ ଜଣକୁ ଡ଼କାଇ ସେମାନଙ୍କ ମତାମତ ନେଉଥିଲେ । ହଜରତ ଅବୁବକର[ର.ଅ] ବର୍ଣ୍ଣନା କରନ୍ତି, ମୁଁ ହଜରତ ମୁହମ୍ମଦ [ସ.ଅ]ଙ୍କ ଠାରୁ କାହାରିକୁ ଅଧିକ ନିଜ ସାହାବାମାନଙ୍କ ସହ ପରାମର୍ଶ କରିବାର ଦେଖି ନାହିଁ । ଅତଏବ ଏସବୁ ଏଥିପାଇଁ ଥିଲା ଯେ, ସେହି ନବୀ ଯାହାଙ୍କୁ ନିଜ ପ୍ରଭୁଙ୍କ ନିକଟରୁ ସିଧାସଳଖ ସର୍ବାଧିକ ମାର୍ଗଦର୍ଶନ ପ୍ରାପ୍ତ ଥିବା ସତ୍ତ୍ୱେ ସେ ନିଜ ଅନୁଗାମୀମାନଙ୍କ ଠାରୁ ପରାମର୍ଶ ଲୋଡ଼ୁ ଥିଲେ । ତେବେ ତୁମମାନଙ୍କୁ କିଭଳି ପରାମର୍ଶ ନେବାକୁ ଗୁରୁତ୍ୱ ଦେବା ଉଚିତ୍ ।

ବଦର ରଣଭୂମିରେ ମଧ୍ୟ ସାହାବା ହଜୁର [ସ.ଅ]ଙ୍କୁ ପରାମର୍ଶ ଦେବା ଅନ୍ତେ ତଦନୁରୂପ କାର୍ଯ୍ୟ କଲେ ଏବଂ ନିଜ ଜୀବନର ବାଜି ଲଗାଇ ଦେଲେ । ବସ୍ତୁତଃ ଆମ ଶୁରାର ପ୍ରତିନିଧିମାନଙ୍କୁ ମଧ୍ୟ ସ୍ମରଣ ରଖିବା ଉଚିତ୍ ଯେ, ସର୍ବପ୍ରଥମେ ନିଜକୁ ପ୍ରସ୍ତୁତ କରନ୍ତୁ କି ପରାମର୍ଶ ଦେବା ଏବଂ ତାହା ଅନୁମୋଦିତ ହେବା ପରେ ସେଥିମୁତାବକ ଆମେ ଅମଳ କରିବା ପାଇଁ ସମସ୍ତ ପ୍ରକାର ବଳିଦାନ ଦେବୁ । ଆପଣମାନେ ସେହି ସଂଘର ସଦସ୍ୟ ଯାହାକି ଖିଲାଫତ୍ ଓ ଜମାଅତୀୟ ବ୍ୟବସ୍ଥାର ସହଯୋଗୀ ଅଟେ । ପରାମର୍ଶଦାତାଙ୍କ ପରାମର୍ଶ ସତ୍ ଉଦ୍ଦେଶ୍ୟ ଓ ଧର୍ମପରାୟଣତାର ଉଚ୍ଚତମ ସ୍ତରରେ ଅଧିଷ୍ଠିତ ହୋଇଥିବା ଉଚିତ୍ । ସୁତରାଂ ଏହି ଦୃଷ୍ଟିକୋଣରୁ ପରାମର୍ଶଦାତାଙ୍କ ଦାୟିତ୍ୱ ବେଶ୍ ବଢ଼ି ଯାଇଥାଏ ଯେ ସେମାନଙ୍କ ଧର୍ମପରାୟଣତା କେଉଁ ସ୍ତରର ? ହଜରତ ଅଲୀ [ର.ଅ]ଙ୍କର ଗୋଟିଏ ବର୍ଣ୍ଣନା ଏକଥା ସୁସ୍ପଷ୍ଟ କରୁଅଛି । ଆପଣ[ର.ଅ] ବର୍ଣ୍ଣନା କରନ୍ତି, ଶାୱିରୁଲ୍ ଫୁକହା ଓଲ୍ ଆବିଦୀନ୍ ଅର୍ଥାତ ବୁଦ୍ଧିମାନ ଓ ଉପାସନାକାରୀଙ୍କ ସହିତ ପରାମର୍ଶ କର, ପ୍ରତ୍ୟେକ ବ୍ୟକ୍ତି ବିଶେଷ ସହିତ ନୁହଁ । ଅତଏବ ଏହା ହେଉଛି ମଜଲିସ୍ ଶୁରାର ପ୍ରତିନିଧିମାନଙ୍କ ଚୟନ କରିବାର ମାନଦଣ୍ଡ । ଏଥିରେ ସେମାନଙ୍କ ପାଇଁ ଉପଦେଶ ରହିଛି ଯେ ମଜଲିସ୍ ଶୁରା ପାଇଁ ପ୍ରତିନିଧି ଚୟନ କରିଥାନ୍ତି । ସେମାନେ ନିଜ ଲୋକମାନଙ୍କ ମଧ୍ୟରୁ ଏପରି ବ୍ୟକ୍ତିଙ୍କୁ ଚୟନ କରନ୍ତୁ ଯେ, ଉତ୍ତମ ପରାମର୍ଶଦାତା ହୋଇଥିବେ, ଧାର୍ମିକ ଜ୍ଞାନ ରଖୁଥିବେ ଓ ସେମାନଙ୍କ ଉପାସନାର ସ୍ତର ବେଶ୍ ଉର୍ଦ୍ଧ୍ୱରେ ବିଦ୍ୟମାନ ଥିବ । ଯେଉଁସ୍ଥଳେ ଏହି ସ୍ତରକୁ ସମ୍ମୁଖରେ ରଖି ପ୍ରତିନିଧି ଚୟନ କରାଯାଇଥାଏ ସେମାନଙ୍କ ପ୍ରଦତ୍ତ ରାୟରେ ମୁଁ ଏକ ଭିନ୍ନ ଫରକ୍ ଲକ୍ଷ କରିଥାଏ । ଉପସ୍ଥିତ ଖଲିଫା ଏକଥା ବୁଝିଥାନ୍ତି ଯେ ଲୋକମାନେ ଯେତେବେଳେ ପ୍ରଭୁଙ୍କ ଆଦେଶ ମୁତାବକ ନିଜ ପ୍ରତିନିଧି ଚୟନ କରିଛନ୍ତି ଏବଂ ସେମାନେ ତଦ୍‌ନୁଯାୟୀ ନିଜ କର୍ତ୍ତବ୍ୟ ସମ୍ପାଦନ କରିଥାନ୍ତି । ଆଉ ଯଦି ପ୍ରତିନିଧିମାନେ ନିଜ କର୍ତ୍ତବ୍ୟ ସଠିକ୍ ରୂପେ ସମ୍ପାଦନ ନକରନ୍ତି ତେବେ ସେମାନେ କେବଳ ଜମାଅତର ସଦସ୍ୟବୃନ୍ଦଙ୍କ ବିଶ୍ୱାସକୁ ଭଙ୍ଗ କରି ନଥାନ୍ତି ବରଂ ଉପସ୍ଥିତ ଖଲିଫାଙ୍କ ନିକଟରେ ନିଜ ଅମାନତ୍‌ର ନିର୍ବାହ ନକରି ବିଶ୍ୱାସଘାତି ସାବ୍ୟସ୍ତ ହୋଇଥାନ୍ତି ।

ମଜଲିସ୍ ଶୁରାର ପ୍ରତିନିଧିତ୍ୱ ଏକ ବର୍ଷ ପାଇଁ ହୋଇଥାଏ । ଯେଉଁଥିରେ ବ୍ୟବସ୍ଥା ବିଭାଗ ସହ ସହଯୋଗ କରିବା, ଅନୁମୋଦିତ ମାମଲାର ସ୍ୱୟଂ ପାଳନ କରିବା ଏବଂ ତଦନୁରୂପ ଅନ୍ୟମାନଙ୍କୁ ଅଭ୍ୟସ୍ତ କରାଇବା ମଧ୍ୟ ଅନ୍ତର୍ଭୁକ୍ତ । ସର୍ବଦା ଏହାର ତତ୍ତ୍ୱାବଧାନ କରନ୍ତୁ ଯେ, ଆପଣଙ୍କ ଜମାଅତରେ ଉପସ୍ଥିତ ଖଲିଫାଙ୍କ ପାରିତ ନୀତି ମୁତାବକ କିଭଳି କାର୍ଯ୍ୟକାରୀ ହେଉଅଛି । କେତେକ ସମୟରେ ନିଷ୍ପତ୍ତି, କର୍ମକର୍ତ୍ତାମାନଙ୍କ ଅବହେଳାର ଶିକାର ହୋଇଥାଏ ଏବଂ ଉକ୍ତ ନିର୍ଦ୍ଦେଶାବଳୀ ଉପରେ ସେପରି କାର୍ଯ୍ୟକାରୀ ହୋଇ ନଥାଏ ଯେମିତି ହେବା ଉଚିତ୍ ଥିଲା । ଏପରି ଅବସ୍ଥାରେ ସମ୍ପୃକ୍ତ କର୍ମକର୍ତ୍ତା ମର୍କଜର ଧ୍ୟାନ ଆକର୍ଷିତ କରାନ୍ତୁ । **ମନେରଖନ୍ତୁ ଏହି ସଂସାରରେ ତ ଆପଣ ଆଳ କରି ବର୍ତ୍ତିଯିବେ କିନ୍ତୁ ଅଲ୍ଲାଃତାଲାଙ୍କ ସମକ୍ଷ କୌଣସି ପ୍ରସଙ୍ଗ ପ୍ରଚ୍ଛନ୍ନ ରହି ନଥାଏ । ସେ ସୁନିଶ୍ଚିତ ରୂପେ ଅମାନତ୍ ସମ୍ବନ୍ଧରେ ପ୍ରଶ୍ନ କରିବେ ।** କେତେକ ସଦସ୍ୟ ସେତେବେଳେ ଯାଇ ମର୍କଜକୁ ଘଟଣା ସମ୍ପର୍କରେ ସୂଚିତ କରିଥାନ୍ତି ଯେତେବେଳେ

କୌଣସି ପଦାଧିକାରୀ ସହିତ ମତଭେଦ ସୃଷ୍ଟି ହୋଇଥାଏ, ଏହା ମଧ୍ୟ ଠିକ୍ ନୁହେଁ ।

ଜମାଅତମାନଙ୍କୁ କେତେକ ପରାମର୍ଶ ପୁର୍ନବାର ପ୍ରେରଣ କରିବାର ଅର୍ଥ ଏହିକି ଯେ ସେହି ନିର୍ଦ୍ଦେଶାବଳୀ ମୁତାବକ କାର୍ଯ୍ୟ ହୋଇ ନାହିଁ । ସୁତରାଂ ଏପରି ଜମାଅତ ଓ ପଦାଧିକାରୀମାନଙ୍କୁ ଚିନ୍ତା କରିବା ଉଚିତ୍ । ଯେ କ'ଣ ଏହା ଧର୍ମପରାୟଣତାର ମାର୍ଗ, ନିଜ ଦାୟିତ୍ୱ ନିର୍ବାହ କରିବା, ଖିଲାଫତ୍‌ର ଆଜ୍ଞା ପାଳନ ଓ ନିଜ ପ୍ରତିଜ୍ଞା ସମ୍ପନ୍ନ କରିବାର ଅନୁକୂଳ ଅଟେ । ସମ୍ପୃକ୍ତ ଦେଶର ମର୍କଜକୁ ଏଥିପାଇଁ ଲଜ୍ଜିତ ହେବା ଉଚିତ୍ ଯେ ଆମେ ଏହି ନିର୍ଦ୍ଦେଶାବଳୀ ମୁତାବକ କାର୍ଯ୍ୟକାରୀ କରାଇ ପାରିଲୁ ନାହିଁ । କିନ୍ତୁ ଚଳିତ ବର୍ଷ ଆମେ ତଦ୍‌ନୁଯାୟୀ କାର୍ଯ୍ୟକାରୀ କରିବୁ ଏବଂ ଯଦି ନକରେଇ ପାରିଲୁ ତେବେ ଅପରାଧି ବୋଲି ପରିଗଣିତ ହେବୁ ତଥା ସେହି ଲୋକମାନଙ୍କ ମଧ୍ୟରେ ସାମିଲ ହେବୁ ଯେ ନିଜ ଅମାନତ୍‌ର ଦାୟିତ୍ୱ ତୁଲାଉ ନାହାନ୍ତି । ସେମାନେ କ୍ଷମା ଜାଚନା ସ୍ୱରୂପ ପତ୍ର ଲେଖିବା ଉଚିତ୍ ଯେ ଆମେ ଚଳିତ ବର୍ଷ ଏହି ପରାମର୍ଶକୁ ଉପସ୍ଥାପନ ନକରିବାର ସୁପାରିଶ କରୁଅଛୁ । ଏତଦ୍ ଦ୍ୱାରା ବ୍ୟବସ୍ଥା ଓ ପ୍ରତିନିଧି ଉଭୟଙ୍କ ମଧ୍ୟରେ ଏହି ଭାବନା ଜାଗ୍ରତ ହେବ ଯେ ସେମାନେ କେବଳ ବଡ଼ ବଡ଼ ଲାହେ ଅମଲ୍ ପ୍ରସ୍ତୁତ କରି ଖଲିଫାଙ୍କ ନିକଟରେ ଉପସ୍ଥାପନ କରୁଛନ୍ତି କିନ୍ତୁ କାର୍ଯ୍ୟକାରୀ କ୍ଷେତ୍ରରେ ସେମାନଙ୍କର ସ୍ଥିତି ଶୂନ୍ୟ ଅଟେ । ଏପରି ସେମାନେ ଅପରାଧୀ ସାବ୍ୟସ୍ତ ହୋଇଥାନ୍ତି ଏବଂ ଖଲିଫାଙ୍କ ଭରଷାକୁ ଭଙ୍ଗ କରିଥାନ୍ତି । ଏହି ଦୃଷ୍ଟିକୋଣରୁ ଯେଉଁସ୍ଥଳେ ସାମୂହିକ ଅନୁଶିଳନୀ ହୋଇଥାଏ ସେଠାରେ ବ୍ୟକ୍ତିଗତ ସ୍ତରରେ ମଧ୍ୟ ମଜଲିସ୍ ଶୁରାର ପ୍ରତିନିଧିମାନେ ନିଜ ନିଜର ବିଶ୍ଲେଷଣ କରିବାର ସୁଯୋଗ ଲାଭ କରିଥାନ୍ତି । କ୍ଷମା ଜାଚନା କରିବା ସହିତ କାର୍ଯ୍ୟାନୁସରଣ ନକରିବାର କାରଣ ଅନ୍ୱେଷଣ କରିଥାନ୍ତି । ସୁତରାଂ ଏହି ଅନୁଶିଳନୀ କରିବା ଜମାଅତୀୟ ବ୍ୟବସ୍ଥାକୁ ସଠିକ୍ ମାର୍ଗରେ ପରିଚାଳିତ କରାଇଥାଏ । ନଚେତ୍ କେବଳ କହିବା ଶୁଣିବା ଦ୍ୱାରା କୌଣସି ସୁଫଳ ମିଳି ନଥାଏ ।

ନିଜ ଅମଲଗତ ନମୁନା, ଲୋକମାନଙ୍କ ସହିତ ପ୍ରେମ ଭାତୃଭାବର ସମ୍ପର୍କ ସ୍ଥାପନ କରିବା, ସେମାନଙ୍କ ଦରଦ ହୃଦୟରେ ପୋଷଣ କରିବା, ଉପସ୍ଥିତ ଖଲିଫାଙ୍କ ଆଜ୍ଞାକାରୀ ହେବାର ସ୍ତରକୁ ଉର୍ଦ୍ଧ୍ୱଗାମୀ କରିବା ଆଦି ପ୍ରମୁଖଗୁଣ ପ୍ରତ୍ୟେକ ପଦାଧିକାରୀ ଓ ମଜଲିସ୍ ଶୁରାର ପ୍ରତିନିଧିମାନଙ୍କର ବିଶେଷତା ହେଲେ ଯାଇ ଜମାଅତରେ ଏକ ସାମୂହିକ ବିପ୍ଲବ ପରିଲକ୍ଷିତ ହେବ । ମଜଲିସ୍ ଶୁରା ଏଥିପାଇଁ ଆୟୋଜିତ ହୋଇଥାଏ କି ଯେଉଁସ୍ଥଳେ ଆମେ ନିଜ ଅମଲଗତ ଅବସ୍ଥାକୁ ସୁଧାରିବା ନିମନ୍ତେ ଖସଡ଼ା ପ୍ରସ୍ତୁତ କରିବା ସେହିସ୍ଥଳେ ଅଲ୍ଲାଃତାଲାଙ୍କ ଏକେଶ୍ୱରବାଦର ବାର୍ତ୍ତା ସଂସାରବାସୀଙ୍କ ନିକଟରେ ପହଂଚାଇବା ସକାଶେ ଏବଂ ବିଶ୍ୱବାସୀଙ୍କୁ ହଜରତ ମୁହମ୍ମଦ [ସ.ଅ]ଙ୍କ ଧ୍ୱଜା ତଳେ ଏକତ୍ରିତ କରିବା ସକାଶେ ଏପରି ଯୋଜନା ପ୍ରସ୍ତୁତ କରିବା ଯାହାକି ଏକ ମାହାବିପ୍ଲବ ଆଣିଦେବ ।

ହଜୁର ଅନଓ୍ୱର[ଅ.ବ] ହଜରତ ମସିହ ମଉଦ [ଅ.ସ]ଙ୍କର ଏକ ସନ୍ଦର୍ଭ ପ୍ରକାଶରେ ଧର୍ମନିଷ୍ଠତାର ମାର୍ଗରେ ପରିଚାଳିତ ହୋଇ ନିଜ କର୍ତବ୍ୟ ସମ୍ପାଦନ କରିବା ପ୍ରତି ଧ୍ୟାନ ଆକର୍ଷିତ କରି କହିଲେ, ଅଲ୍ଲାଃତାଲା ଆମ ସମସ୍ତଙ୍କୁ ଧର୍ମପରାୟଣତାର ମାର୍ଗରେ ପରିଚାଳିତ ହୋଇ ନିଜ କର୍ତ୍ତବ୍ୟ ସମ୍ପାଦନ କରିବାକୁ ଶକ୍ତି ପ୍ରଦାନ କରନ୍ତୁ । ଅଲ୍ଲାଃତାଲା ଆମ ଦୋଷ, ଦୁର୍ବଳତା ଓ ଅଳସୁଆମୀ ଆଚରଣକୁ ଢାଙ୍କି ଆମକୁ ନିଜ ବିଶେଷ ଅନୁଗ୍ରହ ପ୍ରଦାନ କରନ୍ତୁ । ଆମିନ୍ ।

ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ଓ୍ୱ ନସ୍‌ତଈନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଅଲୈହି ଓ ନଉଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଈୟାତି ଆମାଲିନା ମଇଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହା ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ଓ୍ୱଲ୍ ଇହ୍‌ସାନି ଓ୍ୱଇତାଇଜିଲ କୁର୍‌ବା ଓ୍ୱୟନ୍‌ହା ଅନିଲ୍ ଫହ୍‌ଶାଇ ଓ୍ୱଲ୍ ମୁନ୍‌କରି ଓ୍ୱଲ୍ ବଗ୍‌ଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନ୍ ଉଯ୍‌କୁରୁଲ୍ଲାହା ୟଯ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲଯିକ୍‌ରୁଲ୍ଲାହି ଅକ୍‌ବର୍ ।

Khulasa Khutba Juma Huzoor Anwar a.b.a
12th May 2023